# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 5 April - 2025

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆସନ୍ତା ୧୧ ତାରିଖରେ ହେବ ଶୁଭାରମ୍ଭ
- ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ଅଞ୍ଚଳର ସମୀକ୍ଷା କଲେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ
- ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଆଜି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚାଲିଛି ରୁକୁଣା ରଥଯାତ୍ରା

ଏବଂ

- ଶ୍ରୀମନ୍ଦିରରେ ଆସନ୍ତାକାଲି ପ୍ରଭୁ ଶ୍ରୀରାମଙ୍କର ଜନ୍ମନୀତି ପାଇଁ ଅପରାହ୍ନ ୫ଟାରୁ ୫ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

*CTC*

# ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଆସନ୍ତା ୧୧ ତାରିଖରେ କଟକ ବାଲିଯାତ୍ରା ପଡ଼ିଆରେ ଶୁଭାରମ୍ଭ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି ଯୋଜନାର ଆରମ୍ଭ କରିବେ। ରାଜ୍ୟରେ ଥିବା ୧ ହଜାର ୪୦୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବ। ଆୟୁଷ୍ମାନ ଯୋଜନାରେ ମିଳୁଥିବା କାର୍ଡ ଜରିଆରେ ଦେଶରେ ଥିବା ୨୯ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲରେ ହିତାଧିକାରୀ' ଚିକିତ୍ସା ସୁବିଧା ପାଇପାରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି।

**- V/O -**

ସୂଚନାଯୋଗ୍ୟ, ଆୟୁଷ୍ମାନ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହେବେ। ଯାହାକି ରାଜ୍ୟର ୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଦୁଇ ସ୍ୱାସ୍ଥ୍ୟ ଯୋଜନାରୁ ଲାଭ ପାଇବେ।

*Puri*

# ପୁରୀ– ବିମାନବନ୍ଦର

ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦର ଅଞ୍ଚଳକୁ ଆଜି ଭାରତୀୟ ବିମାନବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ବୁଲି ଦେଖିବା ସହିତ ସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରାଧିକରଣର ଏକ ଚାରିଜଣିଆ ଦଳ ପୁରୀ ସହର

ନିକଟସ୍ଥ ଗୋରୁଆଳରେ ପ୍ରସ୍ତାବିତ ବିମାନବନ୍ଦର ଅଞ୍ଚଳରେ ଘରୋଇ ଜମି ଅଧିଗ୍ରହଣ ୭୭ ଏକର ପରିମିତ ବନବିଭାଗର ଜାଗାକୁ ସମୀକ୍ଷା କରିଥିଲେ।

***Sonepur/Rayagada/N.gagda/ Malkangiri/Baragada/Boudh/Gajapati/Kendrapra***

## ଗଣଦୌଡ଼

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ ୨୦୨୫ର ପଞ୍ଚମ ଦିନ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାପାଳ ନିଲୁ ମହାପାତ୍ର ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଗଣଦୌଡ଼ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଐତିହ୍ୟ ରକ୍ଷା ପାଇଁ ଅଂଶଗ୍ରହଣକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ନୟାଗଡ଼ ଜିଲ୍ଲା ସଦର ମହକୁମାଠାରେ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ରୋଜିନା ଦାସ ଶୁଭାରମ୍ଭ କରିଥିଲେ। ଓଡ଼ିଶାର ସଂସ୍କୃତି, ବୈଭବ, ପରମ୍ପରା, ବୀରତ୍ୱ ଏବଂ ବିକଶିତ ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବା ସହ ସମସ୍ତ ଇତିହାସ ପାଇଁ ଦୌଡ଼ିବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଗୁଣ୍ଡିଚା ମନ୍ଦିରଠାରୁ ବି.ଏନ୍. ପ୍ୟାଲେସ୍ ପର୍ଯ୍ୟନ୍ତ ଏହି ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଓ ଐତିହ୍ୟ ସମ୍ପର୍କରେ ସଚେତନତା

ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ବିଭାଗ ଅଧିକାରୀ ଓ ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହୋଇଥିଲେ।

ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ କସ୍ତୁରବା ଗାନ୍ଧୀ ମାତୃନିକେତନଠାରୁ ଜିଲ୍ଲାର ବିଭିନ୍ନ ପ୍ରସିଦ୍ଧ ଐତିହ୍ୟସ୍ଥଳୀ ପର୍ଯ୍ୟନ୍ତ ଏକ ସଚେତନତା ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ଐତିହ୍ୟସ୍ଥଳଗୁଡ଼ିକର ସୁରକ୍ଷା ଓ ପ୍ରଚାର ପ୍ରସାର କରିବା ଏହି ଗଣଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟ ତାର ସଂସ୍କୃତି ଓ ଐତିହ୍ୟ ପାଇଁ ସମଗ୍ର ବିଶ୍ୱରେ ପରିଚିତ। ଐତିହ୍ୟସ୍ଥଳୀକୁ ସୁରକ୍ଷା ଦେଇ ସଂରକ୍ଷିତ ରଖିପାରିଲେ ଆଗାମୀ ପିଢ଼ି ଓଡ଼ିଆଙ୍କ ଶିଳ୍ପକଳା ଓ କାରୁକାର୍ଯ୍ୟ ଜାଣିପାରିବେ।

ବୌଦ୍ଧ ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଐତିହ୍ୟ ଗଣଦୌଡ଼କୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ରାୟଗଡ଼ା ସହରର କାଳୀମନ୍ଦିର ଛକଠାରୁ ସଦ୍‌ଭାବନା ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶସାନ ଏବଂ ଜନସାଧାରଣ ଏଥିରେ ଯୋଗ ଦେଇଥିଲେ।

ସୁବର୍ଣ୍ଣପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର ପରିସରରୁ ଆଜି ଗଣଦୌଡ଼ ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଜିଲ୍ଲାପାଳ ଅନନ୍ୟା ଦାସ ଏଥିରେ ଯୋଗଦେଇ ଏହି ଗଣଦୌଡ଼ ଓଡ଼ିଆ ସଂସ୍କୃତି, ପରମ୍ପରା, ଜିଲ୍ଲାର ଐତିହ୍ୟକୁ ଯୁବପିଢ଼ିଙ୍କ ଭିତରେ ଉଦ୍‌ଜୀବିତ କରିବ ବୋଲି କହିଥିଲେ ।

ଓଡ଼ିଆ ପକ୍ଷର ଷଷ୍ଠ ଦିନରେ ଆସନ୍ତାକାଲି ଓଡ଼ିଶାରେ ଥିବା ଦେବାଳୟ ଓ ଐତିହ୍ୟସ୍ଥଳୀଗୁଡ଼ିକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯିବ ।

***DHNKL***

## ଜବରଦଖଲ ସମୀକ୍ଷା

ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାରେ ଥିବା ଜବରଦଖଲ ଉଚ୍ଛେଦ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଉଚ୍ଚ ଆୟବର୍ଗର ବ୍ୟକ୍ତିମାନେ ଜବରଦଖଲ କରି ରଖିଥିବା ସରକାରୀ ଜମିକୁ ଚିହ୍ନଟ କରି ଆସନ୍ତା ୩ ମାସ ମଧ୍ୟରେ ଉଚ୍ଛେଦ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଚାଲିଥିବା ବସୁନ୍ଧରା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟର ସମୀକ୍ଷା କରିଛନ୍ତି । ସରକାରୀ ସମ୍ପତ୍ତି ସୁରକ୍ଷାରେ ଅବହେଳା ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ ବିଧାୟିକା ପ୍ରମୁଖ ଯୋଗ ଦେଇଥିଲେ ।

*Desk*

## ରୁକୁଣା ରଥଯାତ୍ରା

ଚୈତ୍ରମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭୁବନେଶ୍ୱରରେ ଆଜି ପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେଉଛି।  ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ' ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ପୂର୍ବାହ୍ନରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ରଥଟଣା ବିଧିପୂର୍ବକ ଆରମ୍ଭ ହୋଇଛି। ଆସନ୍ତାକାଲି ସକାଳେ ନୀତିକାନ୍ତି ପରେ ପୁଣିଥରେ ରୁକୁଣା ରଥ ଟଣାଯିବ।

ସୂଚନାଯୋଗ୍ୟ, ପ୍ରଭୁ ଶ୍ରୀଲିଙ୍ଗରାଜ' ଶ୍ରୀଦୋଳଗୋବିନ୍ଦ ଓ ରୁକୁଣାଙ୍କୁ ନେଇ ଛଅ ଦିନ ଲାଗି ମନ୍ଦିର ଛାଡ଼ି ମାଉସୀ ମା' ମନ୍ଦିର ଯିବା ବିଧି ରହିଛି।

*Ganjam*

## ମା' ବୁଢ଼ିଠାକୁରାଣୀଙ୍କ ଦର୍ଶନ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ପ୍ରସିଦ୍ଧ ମା' ବୁଢ଼ୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ଆଜି ତୃତୀୟ ଦିବସ।  ସନ୍ଧ୍ୟାରେ ଆଜି ମା'ଙ୍କ ଘଟ ପରିବର୍ତ୍ତନ କରାଯିବ। ଏହାପରେ ମା' ମଣ୍ଡପରୁ ବାହାରି ପ୍ରଥମ ମହୁରୀ ରାଜବାଟୀକୁ ଯାଇ ଦର୍ଶନ ପରେ ନଗର ପରିକ୍ରମା କରି ପୁଣି ଅସ୍ଥାୟୀ ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିବେ।

***CTC***

## ମହ୍ଲାର-୨୦୨୫

ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ କଟକର ବାର୍ଷିକ ଉତ୍ସବ ମହ୍ଲାର-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ଶିକ୍ଷା ସଂସ୍ଥାନ-ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର ଚନ୍ଦ୍ର ଅଗ୍ରୱାଲ ଏଥିରେ ଯୋଗଦେଇ ହିନ୍ଦୀକୁ ଏକ ସମ୍ପର୍କିତ ଭାଷା ବୋଲି କହିବା ସହ ସମଗ୍ର ଭାରତୀୟମାନଙ୍କୁ ଏକତା ସୂତ୍ରରେ ବାନ୍ଧିବାରେ ହିନ୍ଦୀର ଉଲ୍ଲେଖନୀୟ ଭୂମିକା ରହିଛି ବୋଲି କହିଛନ୍ତି। ଏହି ଅବସରରେ ବାର୍ଷିକ ପତ୍ରିକା 'ସୃଷ୍ଟି'ର ଲୋକାର୍ପଣ କରାଯାଇଥିଲା ।

***Balangir***

## ଗୋଲାବାରୁଦ କାରଖାନା

ବଲାଙ୍ଗୀର ଜିଲ୍ଲା ବଡ଼ମାଳ ଗୋଲାବାରୁଦ କାରଖାନାରେ ଗତ ତିନି ବର୍ଷ ମଧ୍ୟରେ ଗୋଳବାରୁଦ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୂର୍ବ ଆର୍ଥିକ ବର୍ଷରେ ୪୪୩ କୋଟି ଟଙ୍କାର ଗୋଳାବାରୁଦ ଉତ୍ପାଦନ ହେଉଥିବା ବେଳେ ବର୍ତ୍ତମାନ ଏହା ୮୯୦ କୋଟି ଟଙ୍କାରେ ପହଁଞ୍ଚିଛି।  ସୂଚନାଯୋଗ୍ୟ, ବଡ଼ମାଳ ଗୋଲାବାରୁଦ କାରଖାନା ଏବେ ଦେଶର ପ୍ରତିରକ୍ଷା ବାହିନୀ ସହ ବିଦେଶରୁ ୨୦୦ କୋଟି ଟଙ୍କାର ଗୋଲାବାରୁଦ ରପ୍ତାନୀ କରୁଛି ।

*Puri*

## ଶ୍ରୀମନ୍ଦିର- ଦର୍ଶନ ବନ୍ଦ

ଚୈତ୍ର ଶୁକ୍ଳପକ୍ଷ ଶ୍ରୀରାମନବମୀ ତିଥିରେ ଆସନ୍ତାକାଲି ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଜନ୍ମନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ଭୋଗ ଉଠିବା ପରେ ଶ୍ରୀରାମଚନ୍ଦ୍ର ନୀତି ଶେଷ ହେବାପରେ ଆପାତତଃ ଅପରାହ୍ନ ପ୍ରାୟ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

*Desk*

## ଯୋଗଦିବସ- ସାମ୍ବାଦିକ ସମ୍ମିଳନୀ

ଅନ୍ତର୍ଜାତୀୟ ଯୋଗଦିବସ ପାଳନ ପୂର୍ବରୁ ଏହାର ପ୍ରସ୍ତୁତିକୁ ନେଇ ଆସନ୍ତାକାଲି ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀରେ ଆଲୋଚନା କରାଯିବ। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଯୁଗ୍ମ ସଚିବ ମୋନାଲିସା ଦାସ ସମ୍ମିଳନୀରେ ଯୋଗଦିବସ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବେ। ସୂଚନାଯୋଗ୍ୟ, ପ୍ରତ୍ୟେକ ବର୍ଷ ଜୁନ୍ ମାସ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଆସୁଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷର ଯୋଗ ଦିବସର ବିଷୟବସ୍ତୁ 'ଗୋଟିଏ ପୃଥିବୀ ଓ ସ୍ୱାସ୍ଥ୍ୟ ପାଇଁ ଯୋଗ' ଘୋଷଣା କରିଥିଲେ।

*Desk*

# ଜାତୀୟ ସାମୁଦ୍ରିକ ଦିବସ

ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବାଣିଜ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସାମୁଦ୍ରିକ ଶିଳ୍ପର ଗୁରୁତ୍ୱକୁ ଉପଲବ୍ଧି କରି ଆଜି ୬୨ତମ ଜାତୀୟ ସାମୁଦ୍ରିକ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ବର୍ଷ ଏପ୍ରିଲ୍ ମାସ ୫ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ସାମୁଦ୍ରିକ ଅଭିଯାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ଏବଂ ସମୁଦ୍ର ମଧ୍ୟରେ ବହୁଦିନ ଧରି କାର୍ଯ୍ୟ କରୁଥିବା ଲୋକଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

*Desk*

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତାକାଲି ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏହାପରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି । ରାଜ୍ୟର ୨୧ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଘଡଘଡି ସହ ମଧ୍ୟମ ଧରଣର ବର୍ଷା ଏବଂ ପବନର ବେଗ ୪୦ ରୁ ୫୦ କିଲୋମିଟର ବହିବାର ସମ୍ଭାବନା ରହିଛି । କାଳବୈଶାଖୀ ଯୋଗୁଁ ରାଜ୍ୟର ପାରଳାଖେମୁଣ୍ଡିକୁ ଛାଡିଦେଲେ ସବୁ ସ୍ଥାନର ତାପମାତ୍ରା ଗତକାଲି ୩୭ ଡିଗ୍ରୀରୁ କମ୍ ଥିଲା ।

*****